ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/HFW(Od)/1189/04-11-2023**

# ଜନସ୍ୱାସ୍ଥ୍ୟ ସୁବିଧା: ମଶାମୁକ୍ତ ପରିବେଶ

ଭୁବନେଶ୍ୱର,୦୪/୧୧/୨୦୨୩:

ରୋଗୀମାନଙ୍କୁ ସନ୍ତୋଷଜନକ ଜନସ୍ୱାସ୍ଥ୍ୟ ସୁବିଧା ସହିତ ସରକାରୀ ଡାକ୍ତରଖାନା ପରିସରକୁ ମଶାମୁକ୍ତ ଏବଂ ପରିବେଶ ଅନୁକୂଳ କରିବା ପାଇଁ ରାଜ୍ୟ ସରକାର ଧ୍ୟାନ ଦେଇଆସୁଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ଡାକ୍ତରଖାନା ପରିସରକୁ ମଶାମୁକ୍ତ ହେବାକୁ ସୁନିଶ୍ଚିତ କରିବା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ ଏବଂ ରାଉରକେଲା ସରକାରୀ ଡାକ୍ତରଖାନାର ନିର୍ଦ୍ଦେଶକଙ୍କ ସମେତ ସମସ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ପିଏଚ୍ଓ)ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି କାର୍ଯ୍ୟଗୁଡ଼ିକ ଆମ ହସ୍ପିଟାଲ୍ ଏବଂ କାୟାକଳ୍ପ ଅଭିଯାନର ଏକ ଅଂଶ ଭାବେ ଗ୍ରହଣ କରାଯାଇଛି । ଏହି ସଂପର୍କରେ ଛଅଗୋଟି ବିଷୟକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

୧. ଆମ ହସ୍ପିଟାଲ୍ ପାଣ୍ଠିରୁ ସମସ୍ତ ଆମ ହସ୍ପିଟାଲ୍ ଝରକାରେ ତାରଜାଲି ଲଗାଯିବ ।
୨. ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉପଖଣ୍ଡ ଚିକିତ୍ସାଳୟ ପାଇଁ ମଶାଧୂଆଁ ମେସିନ୍ କ୍ରୟ କରାଯିବ ।
୩. ଡେଜର୍ଟ୍ କୁଲର ଏବଂ ଜଳଭଣ୍ଡାର ନିୟମିତ ସଫା କରାଯିବା ସହ ନିର୍ମଳ ଅଧିନରେ ନିୟୋଜିତ ଆଉଟ୍‌ସୋର୍ସିଂ ସଂସ୍ଥା ଦ୍ୱାରା ମଶାମରା ତେଲ ଛିଞ୍ଚାଯିବ ।
୪. ହସ୍ପିଟାଲ ପରିସରରେ ଜଳ ନଜମିବା ପାଇଁ ନିର୍ମଳ ଅଧିନରେ ନିୟୋଜିତ ଆଉଟ୍‌ସୋର୍ସିଂ ସଂସ୍ଥା ଦ୍ୱାରା ଅନାବନା ଗଛ କାଟିବା କାର୍ଯ୍ୟ ଏବଂ ପରିଷ୍କାରପରିଚ୍ଛନ କାର୍ଯ୍ୟ କରାଯିବ ।
୫. ଗ୍ରାମୀଣ ଏବଂ ସହରୀ ସଂସ୍ଥାଗୁଡ଼ିକର ସମନ୍ୱୟରେ ସ୍ୱାସ୍ଥ୍ୟସେବା ସୁବିଧା କେନ୍ଦ୍ର ଚାରିପାଖରେ ସମୂହ ସଫେଇ କାର୍ଯ୍ୟ ବାରମ୍ବାର କରାଯିବ ।
୬. ଆମ ହସ୍ପିଟାଲ୍ ପାଣ୍ଠିରୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟଠାରେ ଫ୍ଲାଏ କ୍ୟାଚର ଏବଂ ଅଲଟ୍ରାସୋନିକ୍ ମଶା ପ୍ରତିରୋଧି ସ୍ଥାପନ କରାଯିବ ।

ଦୀପ୍ତିମୟୀ ମହାପାତ୍ର
ଉପନିର୍ଦ୍ଦେଶକ